# ଶ୍ରୀଜଗନ୍ନାଥ ଚେତନାରେ ଗାନ୍ଧର୍ବ କଳା

● ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ

ଭରତ ନାଟ୍ୟଶାସ୍ତ୍ରରେ ନୃତ୍ୟ ଏବଂ ନୃତ୍ତ ଏହିପରି ଦୁଇଟି ଶବ୍ଦର ବ୍ୟବହାର ଦେଖାଯାଏ । ନିଜେ ଦେବ ଦେବ ମହାଦେବ ନୃତ୍ତର ଆବିଷ୍କର୍ତ୍ତା ଅଟନ୍ତି । ସେ କହିଛନ୍ତି -

**ମୟାଽପୀଦଂ ସ୍ମୃତଂ ନୃତ୍ତଂ ସନ୍ଧ୍ୟାକାଳେଷୁ ନୃତ୍ୟତା ।**
**ନାନାକରଣସଂଯୁକ୍ତୈଃ ଅଙ୍ଗହାରୈର୍ବିଭୂଷିତମ୍ ॥**

(ନା.ଶା. ୪/୧୩)

ମୁଁ ମଧ୍ୟ ସନ୍ଧ୍ୟାକାଳରେ ନୃତ୍ୟ କରିବା ସମୟରେ ନାନା କରଣ ଅର୍ଥାତ୍ କ୍ରିୟାଦି ଏବଂ ଅଙ୍ଗହାର ଗୁଡ଼ିକ ଦ୍ୱାରା ବିଭୂଷିତ ନୃତ୍ତକୁ ଆବିଷ୍କାର କରିଛି । ଅଙ୍ଗହାର ଆଙ୍ଗିକ ଅଭିନୟର ପର୍ଯ୍ୟାୟ ଅଟେ । ଅଙ୍ଗହାରର ପ୍ରୟୋଗକୁ ନୃତ୍ତ ହିଁ ସଫଳ କରେ । ଅଙ୍ଗହାରର ଅଙ୍ଗକୁ କରଣ କୁହାଯାଏ । ନୃତ୍ତ କର୍ମର ବତିଶଟି ଅଙ୍ଗହାର ମୁଖ୍ୟ ଅଟନ୍ତି । ନୃତ୍ତ ଅନାଦି ଏବଂ ପ୍ରବାହ ପରମ୍ପରା ପ୍ରାପ୍ତ ଅଟେ । ମହାଦେବଙ୍କ ଆଦେଶରେ ତଣ୍ଡୁ (ନନ୍ଦୀ) ଭରତ ମୁନିଙ୍କୁ ଅଙ୍ଗହାରର ପ୍ରୟୋଗ ଶିକ୍ଷା ଦେଇଥିଲେ । ପରେ ଭରତ ମୁନି ଶିଷ୍ୟମାନଙ୍କୁ ନୃତ୍ୟ ଶିକ୍ଷା ଦେଇଥିଲେ । **'ନୃତ୍ତଂ ତାଳିଲୟାଶ୍ରୟମ୍', 'ଅନ୍ୟଭାବାଶ୍ରୟଂ ନୃତ୍ୟମ୍'** - (ଦଶରୂପକ ୧/୮) । ନୃତ୍ତ ତାଳ ଏବଂ ଲୟ ଉପରେ ଆଶ୍ରିତ ଅଟେ । ନୃତ୍ତରେ କେବଳ ଅଙ୍ଗ ବିକ୍ଷେପ ରହିଛି, ମାତ୍ର ସେଥିରେ ଅଭିନୟର ଅଭାବ ଥାଏ । ନୃତ୍ତ ତାଳ ଅନୁସାରେ ମାତ୍ରାର ଅନୁସରଣ କରେ ତଥା ଲୟ ଅନୁସାରେ ଗତି (ଦ୍ରୁତ, ମନ୍ଦ ଅଥବା ମଧ୍ୟ) ର ଆଶ୍ରୟ ନିଏ । ସେ ଯାହା ହେଉ, ନୃତ୍ତ ହିଁ ନୃତ୍ୟ କଳାର ଆଦି ସୃଷ୍ଟି ଭାବରେ ଗ୍ରହଣୀୟ, ଯାହା ପରବର୍ତ୍ତୀ ସମୟରେ ନୃତ୍ୟ ରୂପ ଗ୍ରହଣ କରିଛି । ଭରତ ମୁନି ନୃତ୍ତରେ ନାଟ୍ୟର ଅଭିନୟାଂଶ ମିଶାଇ ନୃତ୍ୟ ସୃଷ୍ଟି କରିଥିଲେ । ନୃତ୍ତ ଅଭିନୟବର୍ଜିତ ଏବଂ ନୃତ୍ୟ ଅଭିନୟସହିତ ପ୍ରଦର୍ଶିତ ହୁଏ । ନୃତ୍ୟ ହେଉଛି ଭାବାଶ୍ରିତ । ନୃତ୍ୟ ଶବ୍ଦର ଉତ୍ପତ୍ତି ନୃତ୍ ଧାତୁରୁ ହୋଇଛି, ଯାହାର ଅର୍ଥ ଗାତ୍ରବିକ୍ଷେପ, ଯାହାର ତାତ୍ପର୍ଯ୍ୟ ଆଙ୍ଗିକ ଅଭିନୟର ବାହୁଲ୍ୟ ଅଟେ । ନୃତ୍ୟରେ ଭାବର ଅଭିବ୍ୟଞ୍ଜନା ଥାଏ । ଗାତ୍ର ବିକ୍ଷେପାଦିରୁ ହିଁ ଭାବବ୍ୟଞ୍ଜନା ହୁଏ । ନୃତ୍ୟ ଶାସ୍ତ୍ରୀୟ ପଦ୍ଧତିସମ୍ମତ ଗାତ୍ର ବିକ୍ଷେପ ଅଟେ । **''ତାଣ୍ଡବଂ ନଟନଂ ନାଟ୍ୟଂ ଲାସ୍ୟଂ ନୃତ୍ୟଂ ଚ ନର୍ତ୍ତନେ''** - ଏହିପରି ଭାବରେ ଅମରସିଂହ ନୃତ୍ୟ ଶବ୍ଦର ବବହାର କରିଛନ୍ତି । ଶ୍ରୀମଦ୍‌ଭାଗବତ ଅନୁସାରେ ଶ୍ରୀକୃଷ୍ଣ ହିଁ ନୃତ୍ୟଗୀତାଦି ସମସ୍ତ କଳାଗୁଡ଼ିକର ଆଦି ପ୍ରବର୍ତ୍ତକ ଅଟନ୍ତି ।

ପୁରାଣ ପ୍ରମାଣାନୁସାରେ ଶିବାଦେଶରେ ନନ୍ଦୀଙ୍କ ଠାରୁ ଭରତମୁନି ତାଣ୍ଡବ ଶିକ୍ଷା କରି ଜଗତରେ ପ୍ରଚାର କରିଥିଲେ ଏବଂ ଦେବୀ ପାର୍ବତୀ ବାଣାସୁରଙ୍କ କନ୍ୟା ଉଷାଙ୍କୁ, ଉଷାଙ୍କ ଠାରୁ ବ୍ରଜାଙ୍ଗନାମାନେ ଲାସ୍ୟ ନୃତ୍ୟ ଶିକ୍ଷା କରିଥିଲେ । ଲାସ୍ୟକୁ ସୁକୁମାର ପ୍ରୟୋଗ ହିସାବରେ ଗ୍ରହଣ କରାଯାଏ । **'ଗାତ୍ର ବିକ୍ଷେପ ମାତ୍ରଂ ତୁ ନୃତ୍ତମ୍'** ହୋଇଥିବାରୁ ନିଶ୍ଚିତ ରୂପେ କୁହାଯାଇ ପାରେ ଯେ, ଏହା ମନୁଷ୍ୟର ସହଜାତ କ୍ରିୟା ଅଟେ । ଶିଶୁର କରପଦ ସଞ୍ଚାଳନରୁ ହିଁ ଏହାର ପ୍ରଥମ ସୃଷ୍ଟି । ମନୁଷ୍ୟ ମନର ଆବେଗମୟ ଭାବର ସାର୍ଥକ ପ୍ରତିଫଳନ ଏହାଦ୍ୱାରା ହୋଇଥାଏ । ସଭ୍ୟତା ଏବଂ ସଂସ୍କୃତିର ବିକାଶ ସହିତ ନୃତ୍ୟର ମଧ୍ୟ ବିକାଶ ଘଟିଛି । ପ୍ରାରମ୍ଭରୁ ହିଁ ସମାଜର ବିଭିନ୍ନ ଆନନ୍ଦ ଉତ୍ସବ ଅବସରରେ ନୃତ୍ୟର ପ୍ରବର୍ତ୍ତନ ହୋଇ ଆସିଅଛି । ପରମ ରହସ୍ୟମୟ, ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥ ଗଣଦେବତା ହିସାବରେ କେତେ ଯେ ଲୀଳା କରନ୍ତି, ତା'ର କଳନା ନାହିଁ । କେତେବେଳେ ତାଙ୍କର କୃଷ୍ଣଲୀଳା, କେତେବେଳେ ରାମଲୀଳା ତ କେତେବେଳେ ଗଣପତିଲୀଳା ଅନୁଷ୍ଠିତ ହୁଏ । ବିଭିନ୍ନ ଲୀଳା ଅନୁସାରେ ତାଙ୍କର ବେଶ ମଧ୍ୟ ଆୟୋଜିତ ହୁଏ । **'କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍', 'ଜୋହି ରାମୁ ସୋହି ଜଗଦୀଶା', 'ଯୋ ବିଷ୍ଣୁଃ ସ ମହେଶ୍ୱରଃ'** ନ୍ୟାୟରେ ଭକ୍ତ ନିଜର ଆରାଧ୍ୟ ତଥା ଜଗନ୍ନାଥଙ୍କ ମଧ୍ୟରେ ପାର୍ଥକ୍ୟ ଦେଖେ ନାହିଁ ।

ଶ୍ରୀଜଗନ୍ନାଥ ହେଉଛନ୍ତି **'ନୃତ୍ୟପ୍ରିୟ ମାଧବ'** । ଗୀତ ତଥା ନୃତ୍ୟ ସହ ତାହାଙ୍କର ନିବିଡ଼ ସମ୍ପର୍କ ବିଦ୍ୟମାନ । ଭକ୍ତର ଗୀତ ଶୁଣିବାରେ, ନୃତ୍ୟକୁ ଉପଭୋଗ କରିବାରେ ତାଙ୍କର ପ୍ରବଳ ଆଗ୍ରହ ଦେଖାଯାଏ । ବିଭିନ୍ନ ଉତ୍ସବ ଅବସରରେ ଦେବତାମାନଙ୍କର ତୁଷ୍ଟୀକରଣ ପାଇଁ ମନ୍ଦିରମାନଙ୍କରେ ନୃତ୍ୟଗୀତର ଆୟୋଜନ ଶାସ୍ତ୍ରାନୁମୋଦିତ । ଚତୁର୍ମୁଖ ବ୍ରହ୍ମା, ଲକ୍ଷ୍ମୀ, ନାରାୟଣ, ହର, ପାର୍ବତୀ, ଗଣେଶ, କାର୍ତ୍ତିକେୟ, ନାରଦାଦିଙ୍କର ନୃତ୍ୟ ସଂଗୀତ ପ୍ରତି ପ୍ରବଳ ଆକର୍ଷଣ ଥିବା ଜଣାଯାଏ । ଶ୍ରୀଜଗନ୍ନାଥଙ୍କର ମୂର୍ତ୍ତି ପ୍ରତିଷ୍ଠା ସମୟରେ ଗନ୍ଧର୍ବ ଗଣଙ୍କର ନୃତ୍ୟ ପରିବେଷଣ ବିଷୟରେ ସ୍କନ୍ଦପୁରାଣ ଉତ୍କଳ

ଖଣ୍ଡରୁ ଜଣାଯାଏ ।

ନର୍ତ୍ତକ ଯେପରି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ବେଶ ଧାରଣ କରି ନୃତ୍ୟାଭିନୟ କରେ, ଶ୍ରୀଜଗନ୍ନାଥ ମଧ୍ୟ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ବେଶ ଧାରଣ କରନ୍ତି ଯଥା- ରଘୁନାଥ ବେଶ, ଶ୍ରୀ ଗଣେଶ ବା ହାତୀବେଶ, ବଣଭୋଜି ବେଶ, ଶ୍ରୀରାମ କୃଷ୍ଣ ବେଶ, ବଳିବାମନ ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀ ନାରାୟଣ ବେଶ ବା ଠିଆକିଆ ବେଶ, ବାମନ ବେଶ ବା ବାଙ୍କଚୂଡ଼ା ବେଶ, ଆଡ଼କିଆ ବେଶ ବା ତ୍ରିବିକ୍ରମ ବେଶ, ଡ଼ାଳକିଆ ବା ନୃସିଂହ ବେଶ, ନାଗାର୍ଜ୍ଜୁନାନ୍ତକ ବା ପରଶୁରାମ ବେଶ, ରାଜରାଜେଶ୍ୱର ବେଶ, ପଦ୍ମମୁଖ ବେଶ, ଗଜୋଦ୍ଧାରଣ ବେଶ, ଚାଚେରୀ ବେଶ ଏବଂ ରାଜବେଶ ଆଦି । ଶ୍ରୀମନ୍ଦିରର କଳାସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ପ୍ରତ୍ୟେକ ଅଂଶବିଶେଷରେ ନୃତ୍ୟର ମୌନ ପରିପ୍ରକାଶ ଅନୁଭବ ସାପେକ୍ଷ । ଶ୍ରୀଜଗନ୍ନାଥ ଏକାଧାରରେ ନିଜେ ନଟ, ନର୍ତ୍ତକ, ନଟବର, ନଟନାଗର ଏବଂ ନଟରାଜରାଜ ଅଟନ୍ତି । **'ଶିବସହସ୍ର ନାମ'**ରେ ଶିବଙ୍କ ଉଦ୍ଦେଶ୍ୟରେ କୁହାଯାଇଛି - **'ନୃତ୍ୟପ୍ରିୟୋ ନିତ୍ୟନର୍ତ୍ତୋ ନର୍ତ୍ତକଃ ସର୍ବଲାଳସଃ'** (୫୦) ଏବଂ **'ମହାଗୀତୋ ମହାନୃତ୍ୟୋ ହ୍ୟପ୍‌ସରୋଗଣ-ସେବିତଃ'** (୧୧୭) । ଶିବ ଯେପରି ଡ଼ମ୍ବରୁ ବାଦନ କରି ତାଣ୍ଡବ ନୃତ୍ୟ କରନ୍ତି, ବଂଶୀଧାରୀ ଶ୍ରୀକୃଷ୍ଣରୂପୀ ଜଗନ୍ନାଥ ମଧ୍ୟ କାଳୀୟଦଳନ ପର୍ବରେ କାଳୀୟର ମସ୍ତକ ଉପରେ ତାଣ୍ଡବ ନୃତ୍ୟ କରନ୍ତି ।

**ତନ୍ମୂର୍ଧରତ୍ନନିକରସ୍ପର୍ଶାତିତାମ୍ର -**
**ପାଦାମ୍ବୁଜୋଽଖିଳକଳାଦିଗୁରୁର୍ନନର୍ତ୍ତ ।**

**(ଶ୍ରୀମଦ୍‌ଭାଗବତ ୧୦/୧୬/୨୬)**

କାଳୀୟନାଗର ମସ୍ତକ ଗୁଡ଼ିକରେ ବିଜଡ଼ିତ ଲାଲ ମଣିଗୁଡ଼ିକର ସ୍ପର୍ଶରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ସୁକୁମାର ପଦଯୁଗଳର ରକ୍ତିମା ବୃଦ୍ଧି ପ୍ରାପ୍ତ ହେଲା । ନୃତ୍ୟ, ଗାନ ଆଦି ସମସ୍ତ କଳା ଗୁଡ଼ିକର ଆଦି ପ୍ରବର୍ତ୍ତକ ଭଗବାନ୍ ଶ୍ରୀକୃଷ୍ଣ କାଳୀୟର ମସ୍ତକ ଗୁଡ଼ିକ ଉପରେ କଳାତ୍ମକ ନୃତ୍ୟ କରିବାକୁ ଲାଗିଲେ ।

**ତଚ୍ଚିତ୍ରତାଣ୍ଡବବିରୁଗ୍ଣଫଣାତପତ୍ରୋ ।**
**ରକ୍ତଂ ମୁଖୈରୁରୁ ବମନ୍ ନୃପ ଭଗ୍ନଗାତ୍ରଃ ।**

ଭଗବାନ୍‌ଙ୍କର ଏହି ଅଦ୍ଭୁତ ତାଣ୍ଡବ ନୃତ୍ୟ ଦ୍ୱାରା କାଳୀୟର ଫଣା ରୂପ ଛତ୍ର ଛିନ୍ନ ଭିନ୍ନ ହେଲା । ତା'ର ଶରୀରର ଅଂଶ ଗୁଡ଼ିକ ଶିଥିଳ ହୋଇ ମୁଖରୁ ରକ୍ତବାନ୍ତି ହେବାକୁ ଲାଗିଲା ।

ରସରାଜ ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମ ଅନ୍ତରଙ୍ଗ ଲୀଳା, ନିଜ ସ୍ୱରୂପଭୂତା ଗୋପିକା ଏବଂ ହ୍ଲାଦିନୀ ଶକ୍ତି ଶ୍ରୀରାଧାଙ୍କ ସହ ଦିବ୍ୟାତିଦିବ୍ୟ ମହାରାସ ନୃତ୍ୟ ଭକ୍ତମାନଙ୍କୁ ତଲ୍ଲୀନ କରିଦିଏ । 'ରାସ' ଶବ୍ଦର ମୂଳ 'ରସ' ଅଟେ ଏବଂ ରସ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ହିଁ ଅଟନ୍ତି - **'ରସୋ ବୈ ସଃ'** । ଶ୍ରୀକୃଷ୍ଣଙ୍କର ମହାରାସ ନୃତ୍ୟ ସମୟରେ ସ୍ୱର୍ଗର ଦିବ୍ୟ ଦୁନ୍ଦୁଭିବାଦ୍ୟ ସ୍ୱତଃ ଧ୍ୱନିତ ହେଲା ଏବଂ ସ୍ୱର୍ଗୀୟ ପୁଷ୍ପବୃଷ୍ଟି ହେବାକୁ ଲାଗିଲା । ଗନ୍ଧର୍ବଗଣ ଭଗବାନଙ୍କର ନିର୍ମଳ ଯଶ ଗାନ କରିବାକୁ ଲାଗିଲେ ।

**ତତୋ ଦୁନ୍ଦୁଭୟୋ ନେଦୁର୍ନିପେତୁଃ ପୁଷ୍ପବୃଷ୍ଟୟଃ ।**
**ଜଗୁର୍ଗନ୍ଧର୍ବପତୟଃ ସସ୍ତ୍ରୀକାସ୍ତଦ୍ୟଶୋଽମଳମ୍ ॥**

**(ଭାଗବତ ୧୦/୩୩/୫)**

ଶ୍ରୀଜଗନ୍ନାଥଙ୍କର ଶ୍ରୀରାମଲୀଳା ପ୍ରସଂଗ ସହିତ ଶ୍ରୀକ୍ଷେତ୍ରର ସାହିଯାତ୍ରା ସମନ୍ୱିତ । ଏହି ଅବସରରେ ପ୍ରତି ସାହି ରାମାୟଣର ଏକ ପ୍ରସଂଗ ଅଭିନୟ କରିବା ସହ ସାହିଯାତ୍ରା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାର ମନୋରଞ୍ଜନଧର୍ମୀ ନୃତ୍ୟ ମାଧ୍ୟମରେ ଜନମାନସକୁ ରସାପ୍ଳୁତ କରନ୍ତି । ସାହିଯାତ୍ରାରେ ପରଶୁରାମ ନୃତ୍ୟ, ରାବଣ ନୃତ୍ୟ, ନାଗା ନୃତ୍ୟ, ହନୁମାନ ନୃତ୍ୟ, ତ୍ରିଶିରା, ପଞ୍ଚଶିରା, ସପ୍ତଶିରା, ନବଶିରା, ବିଭିନ୍ନ ମେଢ଼ ନୃତ୍ୟ ମଧ୍ୟ ପରିବେଶିତ ହୋଇଥାଏ । ମେଢ଼ ନୃତ୍ୟ ମଧ୍ୟରେ ଦୁର୍ଗାମେଢ଼, ମଙ୍ଗଳାମେଢ଼, ଗାୟତ୍ରୀମେଢ଼, କାଳୀମେଢ଼, ଅର୍ଦ୍ଧନାରୀଶ୍ୱରମେଢ଼, ଶିବମେଢ଼, ଗଣେଶମେଢ଼, କାର୍ତ୍ତିକେୟ ମେଢ଼, ନୃସିଂହମେଢ଼, ହରିହରମେଢ଼ ଆଦି ପ୍ରଧାନ । ମେଢ଼ ନୃତ୍ୟ ଶ୍ରୀକ୍ଷେତ୍ରର ଉନ୍ନତ ସାଂସ୍କୃତିକ ଲୋକନୃତ୍ୟ ପରମ୍ପରାର ସାର୍ଥକ ନିଦର୍ଶନ ଅଟେ ।

ଶାସ୍ତ୍ରରେ ଅଛି - **'ନର୍ତ୍ତନଂ ପାପକର୍ତ୍ତନମ୍'** । ଭକ୍ତମାନେ ନିଜର ଆରାଧ୍ୟଙ୍କ ସମ୍ମୁଖରେ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସଖ୍ୟଭକ୍ତିରେ ବା ଆତ୍ମ ନିବେଦନ ପୂର୍ବକ ନୃତ୍ୟ କରନ୍ତି । ପ୍ରଭୁ ସନ୍ତୁଷ୍ଟ ହେଲେ ସମସ୍ତ ପାପରୁ ପରିତ୍ରାଣ ମିଳେ । ମୀରାବାଈ ଲୋକଲଜ୍ଜା ପରିତ୍ୟାଗ କରି ଗିରିଧର ଗୋପାଳଙ୍କ ସମ୍ମୁଖରେ ନୃତ୍ୟ କରୁଥିଲେ । ଚୈତନ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ନୃତ୍ୟ କରିବାର ବର୍ଣ୍ଣନା କହ୍ନେଇ ଖୁଣ୍ଟିଆ କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ପହଣ୍ଡି ସମୟରେ ସ୍ୱୟଂ କହ୍ନେଇ ଖୁଣ୍ଟିଆ ଯୋଡ଼ିବେତ ଧରି 'ମଣିମା ବିଜୟ' ଡ଼ାକ ଦେଇ ଯାଉଥିଲା ବେଳେ ଚୈତନ୍ୟ ମହାପ୍ରଭୁଙ୍କର ନୃତ୍ୟ ଦେଖିଥିଲେ ।

**ମଣିମା ବିଜୟ ବୋଲି ହରଷେ ଡ଼ାକିଲି ।**
**ଉତ୍କଣ୍ଠାରେ ଶ୍ରୀପ୍ରଭୁ ନୃତ୍ୟ ନିରେଖିଲି ॥**

ଚୈତନ୍ୟ ଭାବାବେଶରେ ନୃତ୍ୟ କଲାବେଳେ ସେଠାରେ ନିଯୁକ୍ତ ଥିବା ହରିଚନ୍ଦନ ନାମକ ଜଣେ କରଣ ତାଙ୍କୁ

ନୃତ୍ୟ କରିବା ପାଇଁ ବାରଣ କରି ଠେଲି ଦେଲା । କିନ୍ତୁ କହ୍ନେଇ ଖୁଣ୍ଟିଆ ପ୍ରଭୁଙ୍କର ନୃତ୍ୟ ଦେଖି ପୁନର୍ଜନ୍ମରୁ ବର୍ତ୍ତିବାର ଆନନ୍ଦ ଅନୁଭବ କରିଥିଲେ ।

**ଭାବବେଶେ ପାଇଲାକ କ୍ରୋଧ ଶ୍ରୀ ପ୍ରଭୁର**
**ନୃତ୍ୟର ମହତ୍ତ୍ୱ ବୁଝି ନ ବୁଝିଲା ବୀର ।**
**ଶ୍ରୀ ପ୍ରଭୁର ନୃତ୍ୟକ୍ରୀଡ଼ା ନେତ୍ରେ ଦେଖିଲଇଁ**
**ଜନମ ପୁଣ ଜନମ କ୍ରିୟା ମୁଁ ହୁଡ଼ିଲଇଁ ॥**

ପହଣ୍ଡିବେଳେ ଶ୍ରୀଜଗନ୍ନାଥ ଢ଼ଳି ଢ଼ଳି ନାଚି ନାଚି ବିଜେ କରୁଥିବା ବେଳେ ଶ୍ରୀ ଚୈତନ୍ୟ ଉଦ୍ଦଣ୍ଡ ନୃତ୍ୟରତ ଥିଲେ । ଶ୍ରୀଜଗନ୍ନାଥ ଏବଂ ଶ୍ରୀ ଚୈତନ୍ୟଙ୍କର ପାରସ୍ପରିକ ଦିବ୍ୟ ନୃତ୍ୟ କ୍ରୀଡ଼ାର ବର୍ଣ୍ଣନା କରି ଖୁଣ୍ଟିଆ ଜଗନ୍ନାଥଙ୍କୁ କାଳିଆ ହାତୀ ଏବଂ ଚୈତନ୍ୟଙ୍କୁ କରଭ ଅର୍ଥାତ୍ ହାତୀଛୁଆ ରୂପେ ଚିତ୍ରଣ କରି ହାତୀ ପାଖରେ ହାତୀଛୁଆର ସ୍ନେହ ବୋଳା ଖେଳର ବର୍ଣ୍ଣନା କରିଛନ୍ତି-

**ପାହୁଣ୍ଡେ ଆସନ୍ତି ପ୍ରଭୁ ନୀଳାଦ୍ରି ଈଶ୍ୱର**
**ଉଦ୍ଦଣ୍ଡେ ନାଚନ୍ତି ଭକ୍ତ ହୃଦୟ କିଶୋର ।**
**କାଳିଆ ହାତୀ ସମାନ ବ୍ରହ୍ମାଣ୍ଡ ଠାକୁର**
**କରଭ ପ୍ରାୟ ଖେଳନ୍ତି ଗଉର ସୁନ୍ଦର ।**
**ରାଧା ରାଧା ନାମ ପ୍ରଭୁ କରନ୍ତି ଚିତ୍କାରେ**
**ଜଗନ୍ନାଥ ବିଜେ ଭୂମି ତିନ୍ତେ ଲୋତକରେ ।**

ଶ୍ରୀଜଗନ୍ନାଥ ନିଜେ ନାଚନ୍ତି, ଭକ୍ତଙ୍କୁ ନଚାନ୍ତି, ନାଚିବା ଦେଖିଲେ ଆନନ୍ଦ ପାନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ରସେଶ୍ୱର, ରାସେଶ୍ୱର, ରସିକେଶ୍ୱର । ରଥ ଉପରେ ଡ଼ାହୁକ ବେତଧରି ନାଚେ, ଘଣ୍ଟୁଆମାନେ ନାଚି ନାଚି ଘଣ୍ଟ ବଜାନ୍ତି, ଭକ୍ତ ନାଚି ନାଚି ଆନନ୍ଦର ଆତିଶଯ୍ୟରେ ବିହ୍ୱଳିତ ହୋଇ ତଳେ ଲୋଟିଯାଏ । ଶାସ୍ତ୍ର କହେ - **'ଗୀତୈଃ ବାଦ୍ୟୈଃ ନୃତ୍ୟୈଶ୍ଚ ଶ୍ରୀକୃଷ୍ଣଂ ପରିତୋଷୟେତ୍'** । ତେଣୁ ଶ୍ରୀଜଗନ୍ନାଥଙ୍କ ସେବା ପୂଜାରେ ଅଙ୍ଗୀଭୂତ ଛଉଷଠି ଉପଚାର ମଧ୍ୟରେ ନୃତ୍ୟଗୀତକୁ ଗ୍ରହଣ କରାଯାଇଛି । ଶ୍ରୀମନ୍ଦିରରେ ୧୪୯୯ ଖ୍ରୀଷ୍ଟାବ୍ଦରେ ଗଜପତି ପ୍ରତାପରୁଦ୍ରଙ୍କ ଦ୍ୱାରା ଓଡ଼ିଆଭାଷାରେ ଖୋଦିତ ଶିଳାଲେଖରୁ ଏକଥା ସ୍ପଷ୍ଟ ହୁଏ ।

୧. XX X
୨. XX X
୩. ଠାକୁରଙ୍କ ଗୀତଗୋବିନ୍ଦ - ଠାକୁରେ ଭୋଗବେଳେ ଏ ନାଟ ହୋଇବ...... ସଞ୍ଜ ସରିଲାରୁ....
୪. ବଡ଼ସିଂଘାର ପରିଜନ୍ତେ ଏ ନାଟ ହୋଇବ ।
୫. ନାଚୁଣୀ ମାନେ ପୁରୁଣା ସମ୍ପରଦା ....
ତେଲେଙ୍ଗା ସମ୍ପରଦା.... ଏମାନେ ସବିହେ ବଡ଼ଠାକୁରଙ୍କ ଗୀତ ଗୋ.....
୬. ଆନଗୀତ ନ ଗାଇବେ, ଆନ ନାଟ ହୋଇ ପରମେଶ୍ୱରଙ୍କ ଛାମୁରେ ନ ହେବ,
୭. ବୈଷ୍ଣବ ଗାଆଣ ଚାରିଜଣ ଅଛନ୍ତି....
ଏମାନେ ଗୀତଗୋବିନ୍ଦ ଗୀତ ହିଁ ଗାଇବେ...
୮. ଏହାଙ୍କ ଠାରୁ ଅଶିକ୍ଷିତମାନେ ଏକ ସ୍ୱରରେ ଶୁଣି ଗୀତଗୋବିନ୍ଦ ଶିଖିବେ.... ଆନଗୀତ ନ ଶିଖିବେ ।
୯. ଯେ ପରୀକ୍ଷା ଆନଗୀତ ନାଟ କରାଇଲେ ଜାଣି ସେ ଜଗନ୍ନାଥଙ୍କ ଦ୍ରୋହ କରାଇ....

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ୧୧୯ ପ୍ରକାର ସେବକଙ୍କ ମଧ୍ୟରୁ ଧାରା ୭୪, ୭୫ ଏବଂ ୭୬ରେ ଦେବଦାସୀ ମାନଙ୍କର ନୃତ୍ୟ ଗୀତ ଦାୟିତ୍ୱ ଉଲ୍ଲେଖ ଅଛି ।

୭୪ରେ ଗୀତଗୋବିନ୍ଦ ଗାନ ସେବିକା

୭୫ରେ ଭିତର ଗାଆଣୀ (ଦେବଦାସୀ) - 'ଏ ସେବିକା ସକାଳଧୂପ ପଟୁଆର ବେଳେ ଜଗମୋହନ ଠାରେ ନୃତ୍ୟ କରିବେ । ୨୧ ଦିନ ଚାପରେ ମଦନ ମୋହନଙ୍କ ଚାପରେ ନୃତ୍ୟ କରିବେ । ନୀଳାଦ୍ରି ବିଜେ ଦିନ ଭେଟ ମଣ୍ଡପକୁ ଲକ୍ଷ୍ମୀଙ୍କ ସହିତ ଯିବେ । ଗୁଣ୍ଡିଚା ମଣ୍ଡପ ଠାରେ ପ୍ରଥମ ଦିନ ନାଟ କରିବେ ।'

୭୬ରେ ସମ୍ପ୍ରଦା ନିଯୋଗ - 'ସକାଳ ଧୂପରେ ନୃତ୍ୟ କରିବେ । ଚନ୍ଦନ ଯାତ୍ରା, ଚନ୍ଦନ ଲାଗିରେ ଜଗମୋହନରେ ପଟୁଆର - ଚାପ ଉପରେ ଓ ଚାପ ବାହୁଡ଼ା ବିଜେରେ ନୃତ୍ୟ କରିବେ ।'

ଚୈତନ୍ୟ ମହାପ୍ରଭୁଙ୍କ ଆଗମନ ପରେ ରାୟ ରାମାନନ୍ଦଙ୍କ ପ୍ରବର୍ତ୍ତନାରେ ଗୋଟିପୁଅ ନୃତ୍ୟ ପରମ୍ପରା ଆରମ୍ଭ ହୋଇଥିଲା । ଜଗନ୍ନାଥଙ୍କ ବିଭିନ୍ନ ଯାତ୍ରା ଅବସରରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଉଥିଲା । ଶ୍ରୀଜୀଉଙ୍କର ସପ୍ତଦିନାତ୍ମକ ଝୁଲଣ ଯାତ୍ରା ଏବଂ ଏକବିଂଶଦିନାତ୍ମକ ଚନ୍ଦନ ଯାତ୍ରା ଉପଲକ୍ଷ୍ୟେ ନୃତ୍ୟଗୀତ ବାଦ୍ୟର ଆସର ଜମୁଥିଲା । ଝୁଲଣ ସାତଦିନରେ ସାତସାହି ଆଖଡ଼ା ପକ୍ଷରୁ ପ୍ରତ୍ୟେକ ଦିନ ଗୋଟିପୁଅ ନୃତ୍ୟ ପରିବେଷିତ ହେଉଥିଲା । ଚନ୍ଦନ ଯାତ୍ରାରେ ସାତ ସାହି ଆଖଡ଼ାର ଗୋଟିପୁଅ ଦଳ ପ୍ରତ୍ୟେକ ତିନିଦିନ ଲେଖାଏଁ ପାଳିକରି ବଡ଼ଚାପରେ ଅର୍ଥାତ୍ ରାମକୃଷ୍ଣ ପଞ୍ଚପାଣ୍ଡବଙ୍କ ପାଇଁ ଉଦ୍ଦିଷ୍ଟ ଚାପରେ ନୃତ୍ୟ ପରିବେଷଣ କରୁଥିଲେ । ସାନ ଚାପରେ ଅର୍ଥାତ୍ ଲକ୍ଷ୍ମୀ ସରସ୍ୱତୀ ମଦନ ମୋହନ ବିଜେ କରୁଥିବା ଚାପରେ ମାହାରୀନୃତ୍ୟ ପରିବେଷିତ ହେଉଥିଲା । ଗୋଟିପୁଅ ନୃତ୍ୟରେ ପୁଅପିଲେ ଝିଅବେଶରେ ନୃତ୍ୟ କରିଥାନ୍ତି । ସମୟର ସ୍ରୋତରେ ବର୍ତ୍ତମାନ ନୃତ୍ୟ

ପରିବେଷଣ କ୍ଷେତ୍ରରେ ପୂର୍ବ ପରମ୍ପରା ପରିଲକ୍ଷିତ ହେଉନାହିଁ । ଦେବଦାସୀ ପ୍ରଥା ଲୁପ୍ତପ୍ରାୟ ହୋଇଛି ଏବଂ ପୁରୀର ଯେଗା ଆଖଡ଼ା ମାନଙ୍କରେ ଗୋଟିପୁଅ ଦଳ ଦେଖାଯାଉ ନାହାନ୍ତି । ନୃତ୍ୟ କ୍ଷେତ୍ରରେ ଅବନତି ନିଶ୍ଚିତରୂପେ ପରିତାପର ବିଷୟ ।

ଶ୍ରୀମନ୍ଦିର ତଥା ପାର୍ଶ୍ୱ ମନ୍ଦିର ଗୁଡ଼ିକର ଗାତ୍ରରେ ନିହିତ ବିଭିନ୍ନ ମୁଦ୍ରାରେ ଥିବା ମୂର୍ତ୍ତି ଗୁଡ଼ିକ ନାଟ୍ୟଶାସ୍ତ୍ରୋକ୍ତ ଅଙ୍ଗହାର ସମ୍ବନ୍ଧୀ ୧୦୮ ଗୋଟି କରଣ (ତଳପୁଷ୍ପପୁଟ, ବର୍ତ୍ତିତ, ବଳିତୋରୁକ, ଅପବିଦ୍ଧ ଆଦି) ଅନୁଯାୟୀ ବିନିର୍ମିତ । ନର୍ତ୍ତକ ମାନଙ୍କ ପାର୍ଶ୍ୱଦେଶରେ ବାଦକମାନେ ମଧ୍ୟ ବିଭିନ୍ନ ବାଦ୍ୟଯନ୍ତ୍ରର ବାଦନରେ ତଲ୍ଲୀନ ।

ନୃତ୍ୟ ପରିବେଷଣ ତଥା ଅଭ୍ୟାସ ପାଇଁ 'ନାଟ ମନ୍ଦିର'ର ଅବିସ୍ଥିତି ଗୁରୁତ୍ୱପୂର୍ଣ୍ଣ । ଏ ସବୁ ତଥ୍ୟରୁ ସୁସ୍ପଷ୍ଟ ଯେ ନୃତ୍ୟ ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ର ସହ ଓତଃପ୍ରୋତ ଭାବରେ ସଂଶ୍ଳିଷ୍ଟ ।

**ନାଚି ନଚାଉ ଥାଏ ସେହି ।**
**ତା ବିନୁ ଅନ୍ୟ ଗତି ନାହିଁ ॥**

❐❐❐

**ଅଧ୍ୟାପକ**
**ସଦାଶିବ କେନ୍ଦ୍ରୀୟ ସଂସ୍କୃତ ମହାବିଦ୍ୟାଳୟ**
**ପୁରୀ**